## ସଂକ୍ଷେପରେ

### ଗୋପାଳ ସମାଜର ସାଙ୍ଗଠନିକ ସଭା

ଦିଗପହଣ୍ଡି,୧୫।୨(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ଠାରେ ଗଞ୍ଜାମ ଜିଲା ଷୋହଳ ଖଣ୍ଡ ଗୋପାଳ ସମାଜର ସାଙ୍ଗଠନିକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ସ୍ଥିତ ୩ ତାଲୁକା ପରିଷଦ କାର୍ଯ୍ୟାଳୟ ଠାରେ ଆୟୋଜିତ ସଭାରେ ସାଙ୍ଗଠନିକ ଅଭିବୃଦ୍ଧି ନେଇ ବିସ୍ତୃତ ଆଲୋଚନା କରାଯିବା ସହ କାର୍ଯ୍ୟକର୍ତ୍ତା ନିର୍ବାଚନ ନିମନ୍ତେ ପ୍ରସ୍ତାବ ଗୃହୀତ କରାଯାଇଛି। ଗୋପାଳ ସମାଜର ୩ ତାଲୁକା ସଭାପତି ମନୋରଞ୍ଜନ ଗୌଡଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ଜିଲାର ୨୬ ଖଣ୍ଡ ତାଲୁକାର ସମସ୍ତ ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଆସନ୍ତା ମାର୍ଚ୍ଚ ୩ ତାରିଖରେ କର୍ମକର୍ତ୍ତା ନିର୍ବାଚନ କରାଯିବା ନେଇ ଗୋପାଳ ସମାଜ ପକ୍ଷରୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରଯାଇଥିଲା। ଗୋପାଳ ସମାଜ କର୍ମକର୍ତ୍ତା ପଦ୍ମନାଭ ଗୌଡ, ପ୍ରେମାନନ୍ଦ ମହାକ୍କୁଡ, ବାବୁଲା ଗୌଡ, ପର୍ଶୁରାମ ଗୌଡ, ଶିବଶଙ୍କର ପ୍ରଧାନ, ଗଣେଶ ମହାକ୍କୁଡ, ପିତାମ୍ବର ଗୌଡ, ଗଣେଶ ଗୌଡ, ଲକ୍ଷ୍ମଣ ଗୌଡ, ରାମହରି ଗୌଡ, ରବିଚନ୍ଦ୍ର ଗୌଡ, ଆଦିକନ୍ଦ ଗୌଡ, ସନ୍ତୋଷ ଗୌଡ, ରାଧାକାନ୍ତ ମହାକ୍କୁଡ, ଶିବଶଙ୍କର ଗୌଡ, ମୋହିନୀ ମୋହନ ମହାକ୍କୁଡ, ରାମଚନ୍ଦ୍ର ଗୌଡ, ଅଗାଡି ଗୌଡ, ନାରାୟଣ ମହାକ୍କୁଡ, ସାରଥି ଗୌଡ, ଉଲ୍ଲାସ ଗୌଡଙ୍କ ସମେତ ସମାଜର ବହୁସଂଖ୍ୟକ କାର୍ଯ୍ୟକର୍ତ୍ତା ସଭାରେ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଆଇସିଡିଏସ୍ କାର୍ଯ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ



ଖଲ୍ଲିକୋଟ,୧୫।୨(ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ (ଆଇସିଡିଏସ) କାର୍ଯ୍ୟାଳୟର ନୂତନ ଗୃହ ଉଦଘାଟିତ ହୋଇଯାଇଛି। ସିଡିପିଓ ପଦ୍ମିନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ସମ୍ମାନିତ ଅତିଥି ଭାବେ ବିଡ଼ିଓ ଦେବାଶିଷ ସାମଲ, ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା, ବ୍ଲକ ଉପାଧ୍ୟକ୍ଷା ଭାରତୀ ମହାରଣା, ବ୍ଲକ ମହିଳା ବିଜେଡ଼ି ସଭାନେତ୍ରୀ ମିତାଞ୍ଜଳି ମିଶ୍ର, କହ୍ନେଇପୁର ସରପଞ୍ଚ ପ୍ରକାଶ ଚନ୍ଦ୍ର ସାସମଲ, ଶ୍ରୀକୃଷ୍ଣ ଶରଣପୁର ପଞ୍ଚାୟତ ବ୍ଲକ ଏଇ ହରେକୃଷ୍ଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଧାୟିକା ବୈଦ୍ୟ ନୂତନ ଗୃହର ଶୁଭ ଉଦଘାଟନ କରିଥିଲେ। ଏହି ଉଦଘାଟନୀ ଉତ୍ସବରେ ସିଡ଼ିପିଓ ପିଏ ରାମକୃଷ୍ଣ ତ୍ରିପାଠୀ, ଏସଆରଏ ସ୍ନେହାସ କୁମାର ପଣ୍ଡା, ଜେଆରଏ ଚନ୍ଦନ କୁମାର ମଲ୍ଲିକଙ୍କ ସହ ସମସ୍ତ ସୁପରଭାଇଜର ଓ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ୨୧୭ କେନ୍ଦ୍ରରେ ୪୫,୬୩୯ ମାଟ୍ରିକ ପରୀକ୍ଷା ଦେବେ

## ଆଇଟିଆଇ ମାଧ୍ୟମରେ କ୍ୟାରିୟର ସମ୍ପର୍କିତ ଆଲୋଚନା

ବ୍ରହ୍ମପୁର,୧୫।୨(ତନୁଶ୍ରୀ ନାହାକ) ଆସନ୍ତା ୨୦ ତାରିଖରୁ ମାଟ୍ରିକ ବୋର୍ଡ଼ ପରୀକ୍ଷା ଆରମ୍ଭ ହେବ। ଗୁରୁବାର ବ୍ରହ୍ମପୁର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ଅଡ଼ିଟୋରିୟମ ଠାରେ ପରୀକ୍ଷା ପୂର୍ବ ପ୍ରସ୍ତୁତି ଓ ଦଶମ ପରେ ଛାତ୍ରୀଛାତ୍ର ଆଇଟିଆଇ ମାଧ୍ୟମରେ କିପରି ନିଜର କ୍ୟାରିୟର ଗଢ଼ିପାରିବେ ସେ ନେଇ ଆଲୋଚନା ହୋଇଥିଲା। ଏଥିରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ ଅଧ୍ୟକ୍ଷତା କରିଥିଲେ। ମାଧ୍ୟମିକ ଶିକ୍ଷା ପରିଷଦ ଗଞ୍ଜାମ ଜିଲା ଅତିରିକ୍ତ ଉପସଚିବ ସୁବାଷ ବେହେରା, ଆଇଟିଆଇ ଅଧ୍ୟକ୍ଷ ଇଂ.ରଜତ ପାଣିଗ୍ରାହୀ, ଜିଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାର ୨୨ ବ୍ଲକର ବିଇଓଙ୍କ ସମେତ ଦଶମ ପରୀକ୍ଷା ପାଇଁ ହୋଇଥିବା ୨୧୭ ପରୀକ୍ଷା କେନ୍ଦ୍ରର ସୁପରଣ୍ଟେଣ୍ଡେଣ୍ଟମାନେ ଉପସ୍ଥିତ ଥିଲେ। ଉକ୍ତ କେନ୍ଦ୍ରଗୁଡିକରେ ୪୫୬୩୯



କାର୍ଯ୍ୟକ୍ରମରେ ଉପସ୍ଥିତ ବିଇଓ, ସୁପରିଣ୍ଟେଣ୍ଡେଣ୍ଟ

ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏମାନଙ୍କ ମଧ୍ୟରୁ ୨୧୪ ରେଗୁଲାର ପରୀକ୍ଷା କେନ୍ଦ୍ରରେ ୪୫୦୮୮ ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେବେ। ରାଜ୍ୟମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀଙ୍କ ନିମନ୍ତେ ୩ ପରୀକ୍ଷା କେନ୍ଦ୍ର କରାଯାଇଛି। ଏଥିରେ ୪୭୪ ଛାତ୍ରୀଛାତ୍ର ଓ ୭୭ ମଧ୍ୟମା ପରୀକ୍ଷାର୍ଥୀଙ୍କ ନିମନ୍ତେ ରେଗୁଲାର କେନ୍ଦ୍ରରେ ହିଁ ବ୍ୟବସ୍ଥା ହୋଇଛି। ଜିଲା ସ୍ତରରେ ୫୧ ପରୀକ୍ଷା ପ୍ରଶ୍ନପତ୍ର ହବ୍ ପ୍ରସ୍ତୁତ ହୋଇଛି। ପ୍ରତ୍ୟେକ ହବ୍‌ର ନୋଡ଼ାଲ ଅଧିକାରୀଙ୍କ ସହ ପୋଲିସ ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ସମସ୍ତ କେନ୍ଦ୍ର ସିସିଟିଭି ନଜରରେ ରହିବ। ପରୀକ୍ଷା ଶୃଙ୍ଖଳାର ସହ କରିବାକୁ ପ୍ରୟାସ କରାଯାଉଛି। ପରୀକ୍ଷା ସମୟରେ ଯାଞ୍ଚ ପାଇଁ ୪ ଜିଲାସ୍ତରୀୟ ଓ ରାଜ୍ୟସ୍ତରୀୟ ସ୍କ୍ୱାଡ ଟିମ ପରିଦର୍ଶନ କରିବେ। ପରୀକ୍ଷା ପାସ ପରେ ଛାତ୍ରୀଛାତ୍ର ବ୍ରହ୍ମପୁର ଆଇଟିଆଇରେ କିପରି ବିଭିନ୍ନ ଟ୍ରେଡ଼ରେ ନାମ ଲେଖାଇବା ସହ ନିଜ କ୍ୟାରିୟର ଗଢ଼ିପାରିବେ ସେ ସମ୍ପର୍କରେ ଆଇଟିଆଇ ଅଧ୍ୟକ୍ଷ ଇଂ.ପାଣିଗ୍ରାହୀ ମତ ରଖିଥିଲେ। ଚଳିତବର୍ଷ ବିଭିନ୍ନ ଟ୍ରେଡ଼ର ବହୁ ଛାତ୍ରୀଛାତ୍ର ରାଜ୍ୟ ତଥା ଜାତୀୟସ୍ତରରେ ବହୁ ନାମୀଦାମୀ କମ୍ପାନୀରେ ନିଯୁକ୍ତି ପାଇଥିବା ନେଇ ଉଦାହରଣ ଦେଇଥିଲେ। ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଚାଲିବ। ପ୍ରତ୍ୟେକ ବିଷୟ ପରୀକ୍ଷା ମଧ୍ୟରେ ଦୁଇ ଦିନ ବ୍ୟବଧାନ ରହିଥିବାବେଳେ ସକାଳ ୯ଟାରୁ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ହେବ।

# ଜ୍ଞାନ ହିଁ ସଫଳତାର ଚାବିକାଠି



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

ବ୍ରହ୍ମପୁର,୧୫।୨(ଅଶୋକ କୁମାର ସାହୁ): ବ୍ରହ୍ମପୁର ଇ-ଲାଇବ୍ରେରୀର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡଃ ବି.ନାଗେଶ୍ୱର ରାଓ ସୁବୁଦ୍ଧି ସଭାରେ ଅଧ୍ୟକ୍ଷତା କରି ଇ-ଲାଇବ୍ରେରୀ ଦ୍ୱାରା ଛାତ୍ରଛାତ୍ରୀ କିଭଳି କ୍ୟାରିୟର ଗଠନ କରିବେ ତା' ଉପରେ କହିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଣବ କୁମାର ପାଣି ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଅର୍ଜନ କରିଥିବା ଅନୁଭୂତିକୁ ବାଣ୍ଟିଥିଲେ। ସେ କହିଥିଲେ ଯେ ଜ୍ଞାନ ହିଁ ସଫଳତାର ଚାବିକାଠି। ଜଣେ ସାଧାରଣ ଛାତ୍ରୀଛାତ୍ର ପାଠ୍ୟପୁସ୍ତକ ସହିତ ଅନ୍ୟାନ୍ୟ କ୍ଷେତ୍ରରୁ ଜ୍ଞାନ ଆହରଣ କରିବା ଉଚିତ, ଯାହାକି ତାଙ୍କ ଜୀବନରେ ଅଗ୍ରଗତି ପାଇଁ ତାହା ମୂଲ୍ୟବାନ ବୋଲି ସେ କହିଥିଲେ। ଆଲୋଚନାରେ ପରିବେଶବିତ ସୁଧୀର କୁମାର ରାଉତ, ଅଧ୍ୟାପକ ମାନସ ପାତ୍ର, ରବି କୁମାର, ଜେ.ସୁରେଶ, ରାମକୃଷ୍ଣ ଚୌଧୁରୀ, ଆନନ୍ଦ ରାଓ ପ୍ରମୁଖ ଯୋଗଦେଇଥିଲେ। ଶ୍ୟାମ ସୁନ୍ଦର ଖାଡଙ୍ଗା ଧନ୍ୟବାଦ ଦେଇଥିଲେ।

# ଆଖିବୁଜିଲେ ବୁଚି ଆମ୍ମା

ବ୍ରହ୍ମପୁର,୧୫।୨(ସ୍ମିତିରଞ୍ଜନ ମହାଲିକ/ତନୁଶ୍ରୀ ନାହାକ) ଶ୍ମଶାନରେ ମୁଖାଗ୍ନି ଦିଆଯିବା ପୂର୍ବରୁ ଆଖି ଖୋଲିଥିବା ମହିଳା ବୁଚି ଆମ୍ମା ୩ ଦିନ ପରେ ଗୁରୁବାର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମେଡିକାଲ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ତାଙ୍କର ଅମ୍ଳଜାନ ସ୍ତର କମିଯାଇଥିଲା। ଗୁରୁବାର ମୃତ୍ୟୁ ହୋଇଥିବା ଡାକ୍ତର ତାଙ୍କ ସ୍ୱାମୀ ଶିବରାମ ପାଳଙ୍କୁ ଜଣାଇଥିଲେ। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଏମକେସିଜି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ସୁଚିତ୍ରା ଦାଶ କହିଛନ୍ତି। ଗୁଡସ ରୋଡ ତ୍ରିନାଥ ମନ୍ଦିର ସାହିର ବୁଚି ଆମ୍ମା ୭ ବର୍ଷ ହେଲା ପକ୍ଷାଘାତରେ ପୀଡିତ ଥିଲେ। ଗତ ୧ ତାରିଖ ରୋଷେଇ ଘରେ ଗ୍ୟାସ ନିଆଁ ଲାଗି ପୋଡି ହୋଇ ଯାଇଥିଲେ। ମେଡିକାଲ ଫେରାଇ ଦେବାରୁ ଶିବରାମ ତାଙ୍କୁ ଘରେ ରଖି ସେବା କରୁଥିଲେ। ଗତ ୧୨ ତାରିଖ ଭୋରରେ ତାଙ୍କର ମୃତ୍ୟୁ ହୋଇଥିବା ଭାବି ଶିବରାମ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ବିଜିପୁର ଶ୍ମଶାନକୁ ଦାହ ନିମନ୍ତେ ନେଇଥିଲେ। ତାଙ୍କୁ ଜୁଇରେ ରଖି ମୁଖାଗ୍ନି ଦେବା ସମୟରେ ସେ ଜୀବିତ ଥିବା ଜଣାପଡିବାରୁ ଘରକୁ ଅଣାଯାଇଥିଲା। ପରେ ଜଣେ ଭାଜପା କର୍ମୀଙ୍କ ସହଯୋଗରେ ଏମକେସିଜି ମେଡିକାଲକୁ ନିଆଯାଇଥିଲା। ଚିକିତ୍ସା ପରେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଥିଲା। ଗୁରୁବାର ହଠାତ ଅମ୍ଳଜାନ ସ୍ତର ହ୍ରାସ ପାଇ ବୁଚି ଆମ୍ମାଙ୍କର ମୃତ୍ୟୁ ହୋଇଥିଲା।

## ଅପହରଣ କରି ଜେଲ୍ ପଠାଇଲେ

ହିଞ୍ଜିଳିକାଟୁ, ୧୫।୨(ଦ୍ୱିତୀକୃଷ୍ଣ ପଣ୍ଡା): ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବସ୍‌ଷ୍ଟାଣ୍ଡ ପରିସରରୁ ବୁଧବାର ଜଣେ ଯୁବକଙ୍କୁ ୮ରୁ ୧୦ଜଣ ଯୁବକ ମରଣାନ୍ତକ ଆକ୍ରମଣ କରି ଜୋରଜବରଦସ୍ତ ଏକ କାର୍‌ରେ ଅପହରଣ କରିନେଇଥିବା ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଛି। ଗତ ୬ତାରିଖରେ ଏହି ଘଟଣା ଘଟିଥିବା ବେଳେ ଅପହୃତ ହୋଇଥିବା ଯୁବକ ଜଣକ ହେଲେ ବ୍ରହ୍ମପୁର ସଦର ଥାନା ଲାଞ୍ଜିଆ ଗ୍ରାମର କାମନା ଗୌଡ଼। ସେ ବର୍ତ୍ତମାନ ଆସିକା ଜେଲରେ ବିଚାରବିଭାଗୀୟ ବନ୍ଦୀ ଭାବେ ରହିଥିବା ଅପହୃତଙ୍କ ମା' ବିଷ୍ଣୁ ଗୌଡ ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ହିଞ୍ଜିଳି ଥାନାରେ ନଂ ୧୪୭/୨୪ରେ ମାମଲା ରୁଜୁ ହୋଇ ପୋଲିସ ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗତ ୬ ତାରିଖ ପୂର୍ବାହ୍ନରେ ଲାଞ୍ଜିଆ ଗ୍ରାମର କାମନା ଗୌଡଙ୍କୁ ଆସିକା ଅଞ୍ଚଳର ଜଣେ ମହିଳା ଫୋନରେ କଥାବାର୍ତ୍ତା ପାଇଁ ଡାକିଥିଲେ। କାମନା ଏକ ବାଇକ୍‌ରେ ହିଞ୍ଜିଳିକାଟୁ ବସଷ୍ଟାଣ୍ଡରେ ପହଞ୍ଚିଥିଲେ। ସେଠାରେ ଉକ୍ତ ମହିଳାଙ୍କ ସହ ଅନ୍ୟ ୮ରୁ ୧୦ ଜଣ ମିଶି କାମନାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଜୋର୍‌ଜବରଦସ୍ତ ଟେକିନେଇ ଅପହରଣ କରିଥିଲେ। ଅପହରଣକାରୀମାନେ କାମନାଙ୍କଠାରୁ ୨ଟି ମୋବାଇଲ ଓ ନଗଦ ଟଙ୍କା ମଧ୍ୟ ଛଡାଇ ନେଇଯାଇଥିବା ଅଭିଯୋଗ ହୋଇଛି। ଏଥିସହ କାମନାଙ୍କ ନାମରେ ଆସିକା ଥାନାରେ ମିଥ୍ୟା ଅଭିଯୋଗ କରି ଅପହରଣକାରୀ ତାଙ୍କ ପୁଅଙ୍କୁ ଜେଲ ହାଜତକୁ ପଠାଇଥିବା ବିଷ୍ଣୁ ଗୌଡ ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି।

# ପ୍ଲାଷ୍ଟିକମୁକ୍ତ ଓଡ଼ିଶା ସଚେତନତା ରାଲି




ସଚେତନତା ରାଲିକୁ ଆସିକା ଏମପି ଉଦଘାଟନ କରୁଛନ୍ତି।

ଆସିକା ୧୫।୨ (ସୁରେନ୍ଦ୍ରନାଥ ସାହୁ): ଆସିକା ବନାଞ୍ଚଳର ଚେରମାରିଆ ନିକଟସ୍ଥ କରେଇ ପୀଠରେ ଗୁରୁବାର ବନବିଭାଗ ପକ୍ଷରୁ ଏକ ପ୍ଲାଷ୍ଟିକମୁକ୍ତ ଓଡିଶା ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ଆସିକା ଏମପି ପ୍ରମିଳା ବିଷୋୟୀ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, କୃଷ୍ଣସାର ମୃଗ ସୁରକ୍ଷା ସମିତିର ଅଧ୍ୟକ୍ଷ ଅମୂଲ୍ୟ କୁମାର ଉପାଧ୍ୟାୟ ଯୋଗଦେଇଥିଲେ। ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ଏହି ବନାଞ୍ଚଳର ବିଭିନ୍ନ ସେକ୍ସନର ବନପାଳ କାର୍ଯ୍ୟକ୍ରମରେ ସାମିଲ ଥିଲେ। ଏମପି ବିଷୋୟୀଙ୍କ ସହ ଅନମାନେ କରେଇ ପୀଠରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରିଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ ସଚେତନତା

ଛତ୍ରପୁର, ୧୫।୨ (ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ): ଛତ୍ରପୁର ଏନଏସି ପକ୍ଷରୁ ସ୍ଥାନୀୟ କଲ୍ୟାଣମଣ୍ଡପ ପରିସରରେ ଆମ ଓଡ଼ିଶା-ନବୀନ ଓଡ଼ିଶା ସହରାଞ୍ଚଳ ବିକାଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ସହରରେ କିପରି ବିକାଶ ହେଉଛି ତାହା କହିଥିଲେ। ଏହି ଅବସରରେ ଆମ ସହରର ବିକାଶ ସମ୍ପର୍କିତ ଏକ ପୁସ୍ତିକା ବଣ୍ଟନ କରାଯାଇଥିଲା। ସହରରେ ବରିଷ୍ଠ ନାଗରିକମାନଙ୍କୁ ଏନଏସି ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ



କାର୍ଯ୍ୟକ୍ରମରେ ଅତିଥିମାନେ ବିକାଶ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଜି.ପାପା ରାଓ, କାଉନସିଲର ଟି.ଗଣେଶ ରେଡ୍ଡୀ, ମମତା ପାତ୍ର, ଏମ.ୱାଣି ସେନାପତି, କେ.ରମେଶ, ପ୍ରିତିଛନ୍ଦା ସାମଲ, ଦେବାଶିଷ ମିଶ୍ର, ସନ୍ତୋଷୀ ସେଠୀ, ବି.ନିଶ୍ଚଳା ଓ ସୁମନ୍ତ କୁମାର ନାହାକଙ୍କ ସମେତ ମିଶନ ଶକ୍ତି ମହିଳାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏନଏସି ସିଇଓ ଗାୟତ୍ରୀ ସାମଲ ସଂଯୋଜନା କରିଥିଲେ।

# ସହରାଞ୍ଚଳ ବିକାଶ ସଚେତନତା



କାର୍ଯ୍ୟକ୍ରମରେ ଅତିଥିମାନେ ବିକାଶ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ରମ୍ଭା,୧୫।୨(ବନବାସୀ ସେଠୀ): ସ୍ଥାନୀୟ କଲ୍ୟାଣ ମଣ୍ଡପରେ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଲାଙ୍କ ତତ୍ତ୍ୱାବଧାନ ଏବଂ ଅଧ୍ୟକ୍ଷା ମାନସୀ ସ୍ୱାଇଁ, ଉପାଧ୍ୟକ୍ଷ କାଳିଆ ତରେଇଙ୍କ ଅଧ୍ୟକ୍ଷତାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ରମ୍ଭା ସହରାଞ୍ଚଳ ବାସିନ୍ଦାଙ୍କ ବିକାଶ ସଚେତନତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଥାନା ଆଇଆଇସି ସତ୍ୟବ୍ରତ ଭୁତିଆ ଯୋଗଦେଇଥିଲେ। ଦ୍ୱିତୀୟ ଦିନରେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ତୃତୀୟ ଦିନରେ ମିଞ୍ଜିନି ପାଟଣା କଲ୍ୟାଣ ମଣ୍ଡପରେ ସମସ୍ତ ମିଶନ ଶକ୍ତି ଗୋଷ୍ଠୀଙ୍କୁ ନେଇ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେପିଏଚଡ଼ି ଆସିଷ୍ଟାଣ୍ଟ ଇଞ୍ଜିନିୟର ସୁଶାନ୍ତ କୁମାର ବେହେରା, ଅଗ୍ନିଶମ ଅଫିସର ସୁବାଷ ଚନ୍ଦ୍ର ବେହେରା, ରବୀନ୍ଦ୍ର ନାୟକ, ବନପାଳ ଗୌରାଙ୍ଗ ପ୍ରଧାନ, ଟାଟା ପାୱାରର ବିଭୁତି ଭୂଷଣ ପାହାଡ଼ ସିଂ, ସମ୍ରାଟ କେଶରୀ ମହାପାତ୍ର, ଜଳସାଥି ବାସନ୍ତୀ ଗୌଡ଼ ପ୍ରମୁଖ ଯୋଗଦେଇ ରମ୍ଭା ସହରର ବିକାଶ ଓ ଉନ୍ନତୀକରଣ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛ ସାଥି ଚାନ୍ଦିନୀ ବେହେରା, ଡଲି ଦାସ, ରଶ୍ମିତା ଟହଲ, ସମସ୍ତ ମିଶନ ଶକ୍ତି ଗୋଷ୍ଠୀ, ଆଶା, ସମସ୍ତ କାଉନସିଲରଙ୍କ ଉପସ୍ଥିତ ଥିଲେ।

# ଛତ୍ରପୁର ହସ୍ପିଟାଲକୁ ମୁଖ୍ୟମନ୍ତ୍ରୀ ପୁରସ୍କାର

ଛତ୍ରପୁର,୧୫।୨(ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲା ସଦର ମହାକୁମାରେ ଥିବା ଛତ୍ରପୁର ଉପଖଣ୍ଡ ହସ୍ପିଟାଲକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀ ଆୱାର୍ଡ ମିଳିଛି। ଏନେଇ ସୋସିଆଲ ମିଡ଼ିଆ 'ଏକ୍ସ'ରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି। ଭୁବନେଶ୍ୱରସ୍ଥିତ ଲୋକସଭା ଭବନ କନଭେନସନ ସେଣ୍ଟରରେ ରାଜ୍ୟସ୍ତରୀୟ ୫-ଟି ଅଧୀନରେ



'ମୁଖ୍ୟମନ୍ତ୍ରୀ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ପୁରସ୍କାର' କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଗୌଡ଼ ଉପସ୍ଥିତ ହୋଇ ଛତ୍ରପୁର ହସ୍ପିଟାଲକୁ ମିଳିଥିବା ମୁଖ୍ୟମନ୍ତ୍ରୀ ପୁରସ୍କାର ଗ୍ରହଣ କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟସଚିବ ଶାଳିନୀ ପଣ୍ଡିତ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ୟାମସୁନ୍ଦର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ସୂର୍ଯ୍ୟମନ୍ଦିର ପ୍ରତିଷ୍ଠା ଉତ୍ସବ

ଧରାକୋଟ,୧୫।୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ) ଧରାକୋଟସ୍ଥିତ ପ୍ରସିଦ୍ଧ ଶୈବପୀଠ ସ୍ୱପ୍ନେଶ୍ୱର ସ୍ୱାମୀଙ୍କ ମୁଖ୍ୟ ତୋରଣ ଓ ମନ୍ଦିର ପରିସରରେ ନିର୍ମିତ ସୂର୍ଯ୍ୟ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଚାରକ ସରୋଜ କୁମାର ଦାସ, ବ୍ରହ୍ମା ମନୋଜ କୁମାର ମିଶ୍ର ଓ ଆଚାର୍ଯ୍ୟ ପବିତ୍ର କୁମାର ମିଶ୍ର ପ୍ରମୁଖ ବେଦପାଠ ଓ ହୋମଯଜ୍ଞ ଆଦି କରିଥିଲେ। ପ୍ରମିଳା ବେବର୍ତ୍ତା ଓ କୃଷ୍ଣ କିଶୋର ବେବର୍ତ୍ତା ଯଜ୍ଞରେ କର୍ତ୍ତା ହୋଇଥିଲେ। ଧରାକୋଟ ଗ୍ରାମବାସୀ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

# ସହର ପ୍ରବେଶ ପଥରେ ଆବର୍ଜନା




ଗଞ୍ଜାମ ସହର ପ୍ରବେଶ ପଥରେ ଅଳିଆ ପଡ଼ିରହିଛି ।

ଗଞ୍ଜାମ,୧୫।୨(ବିଦ୍ୟାଧର ସାହୁ) ଗଞ୍ଜାମ ସହରର ମୁଖ୍ୟ ପ୍ରବେଶପଥ ତଥା ଦାମୋଦରପୁର ନିକଟରେ ଥିବା 'ମୋ ଗଞ୍ଜାମ' ସେଲଫି ପଏଣ୍ଟ ଠାରେ ଅଳିଆ ଆବର୍ଜନା ପଡିରହିଛି। ଏନ୍‌ଏସି ପ୍ରଶାସନ ଏହାକୁ ଡମ୍ପିଂୟାଡ ଭାବେ ବ୍ୟବହାର କରୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ସେହିପରି ଜୟଶ୍ରୀ ଛକ ନିକଟସ୍ଥ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ୱଚ୍ଛ ସର୍ବେକ୍ଷଣ ବୋର୍ଡ ସମ୍ମୁଖରେ ମଧ ସହରର କୁଡ଼କୁଡ଼ ଅଳିଆ ପକାଯାଉଛି। ଫଳରେ ଉକ୍ତ ରାସ୍ତାଦେଇ ଗଲାବେଳେ ଦୁର୍ଗନ୍ଧରେ ନାକ ଫାଟିପଡୁଛି। ମୋ ଗଞ୍ଜାମ ସେଲଫି ପଏଣ୍ଟଠାରେ ଅଳିଆ ପଡୁଥିବାରୁ ସହରର ସୌନ୍ଦର୍ଯ୍ୟ ହାନି ଘଟୁଥିବା ବିଜେଡି ନଗର ସଭାପତି ସୁଧୀର କୁମାର ପାଢ଼ୀ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏଥିସହ ତ୍ରିବେଣୀ ମଠ ଛକ ପାଖରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ସମ୍ମୁଖ ମଧ ସଫା ରହୁ ନ ଥିବାରୁ ସେ ନିନ୍ଦା କରିଛନ୍ତି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ପୋତାଗଡ଼ ଠାରେ ଏବଂ ସହର ବାହାରେ ଜେଟିଘର ଠାରେ ଏନଏସି ପ୍ରଶାସନ ଡମ୍ପିଂୟାଡ ନିର୍ମାଣ କରିଛି, କିନ୍ତୁ ଅଳିଆ ସେଠାକୁ ନିଆ ନ ଯିବା ଦୁର୍ଭାଗ୍ୟଜନକ ବୋଲି ପାଢ଼ୀ କହିଛନ୍ତି।

# ମୁକ୍ତା ଯୋଜନା ଦକ୍ଷତା ବିକାଶ ତାଲିମ

ବୁଗୁଡ଼ା,୧୫।୨(କାଳିଚରଣ ଦାଶ) ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା ନିର୍ଦ୍ଦେଶକ୍ରମେ ମୁକ୍ତା ଯୋଜନାର ତୃଣମୂଳ ସ୍ତରରେ ସଫଳ ରୂପାୟନ ନିମନ୍ତେ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ ପୌରସଂସ୍ଥାର ଅଧିକାରୀମାନଙ୍କ ପାଇଁ ତାଲିମ୍ କାର୍ଯ୍ୟକ୍ରମ କରାଯାଉଛି। ବୁଗୁଡ଼ା ଏନ୍‌ଏସି କଲ୍ୟାଣ ମଣ୍ଡପ ପରିସରରେ ମିଶନ ଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ଏହି ତାଲିମ ଦିଆଯାଇଛି। ଏଥିରେ ସ୍ୱୟଂ ସହାୟିକା ଗୋଷ୍ଠୀର ୩୦ ସଦସ୍ୟାଙ୍କ ସମେତ ମାଷ୍ଟର ଟ୍ରେନର ଉଷାରାଣୀ ମହାପାତ୍ର ଓ ସସ୍ମିତା ମିଶ୍ର ଅଂଶଗ୍ରହଣ କରିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗୀୟ ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡା ଭିଡିଓ କନଫରେନ୍ସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ମାଧ୍ୟମରେ ଯୋଗଦେଇ ମାଷ୍ଟର ଟ୍ରେନରମାନଙ୍କୁ ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ,କାଉନସିଲର ଭାଗ୍ୟଲତା ମହାନ୍ତି, ପ୍ରୋଜେକ୍ଟ କୋ-ଅର୍ଡିନେଟର ସର୍ବେଶ୍ୱର ବାରିକ, ଇମ୍ପ୍ଲିମେଣ୍ଟ ଏକ୍ସପର୍ଟ ଦ୍ୱିତୀକୃଷ୍ଣ ସାହୁ, ଆକାଉଣ୍ଟ୍ ଏକ୍ସପର୍ଟ ସଙ୍କେତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

# କଳାତାଲିକାଭୁକ୍ତ ସଂସ୍ଥାକୁ ଟେଣ୍ଡରରେ ଅନୁକମ୍ପା

ଫୁଲବାଣୀ, ୧୫।୨(ରାକେଶ କୁମାର ରାଉତ):

କନ୍ଧମାଳ ଜିଲାରେ 'ମୋ ବସ୍‌ଷ୍ଟାଣ୍ଡ' ପରିଚାଳନା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ବେସରକାରୀ ସଂସ୍ଥା ଏଥିରେ ଭାଗ ନେଇଛନ୍ତି। ଯେଉଁ ସଂସ୍ଥା ଏହି ଟେଣ୍ଡର ପାଇବ ସେ ଆଉଟସୋର୍ସିଂ ଜରିଆରେ ନିଯୁକ୍ତି ଦେବ । ଜିଲାରେ ହୋଇଥିବା ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇଥିବା ୫ଟି ସଂସ୍ଥାରୁ ୨ ଜଣ ଫାଇନାଲ ଲିଷ୍ଟରେ ଅଛନ୍ତି । କିନ୍ତୁ ଏଥିରେ ଗୋଟିଏ ସଂସ୍ଥା କଳାତାଲିକାଭୁକ୍ତ ହୋଇଥିଲେ ହେଁ ଟେଣ୍ଡର ପ୍ରକ୍ରିୟାକୁ ଶେଷ କରାଯାଉନାହିଁ । କଳା ତାଲିକାଭୁକ୍ତ ସଂସ୍ଥାକୁ ଅନୁକମ୍ପା ପ୍ରଦର୍ଶନ କରାଯାଉଛି, ଯାହାକୁ ନେଇ ପ୍ରଶାସନର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମୋ ବସ ଷ୍ଟାଣ୍ଡ ଯୋଜନାରେ ଜିଲାରେ ଏକାଧିକ ବସ୍ ଷ୍ଟାଣ୍ଡ ନିର୍ମାଣ ହୋଇଛି । ଓଡିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆରଟିସି) ଅଧୀନରେ ଏହା ରହିଛି। ବସ୍‌ଷ୍ଟାଣ୍ଡର ପରିଚାଳନା ସୁରକ୍ଷାଠାରୁ ଆରମ୍ଭ କରି ସ୍ୱଚ୍ଛତା ପାଇଁ ବେସରକାରୀ ସଂସ୍ଥା ଦାୟିତ୍ୱ ନେବାକୁ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏଥିରେ ୫ଟି ସଂସ୍ଥା ଆବେଦନ କରିଥିଲେ। ଗତ ୨୯ ତାରିଖରେ ଟେକନିକାଲ ବିଡ୍ ହୋଇଥିବା ବେଳେ ଫେବୃଆରୀ ୬ ତାରିଖରେ ଏଥିପାଇଁ ଫାଇନାନସିଆଲ ବିଡ୍ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ସଦଭାବନା ସଭାଗୃହରେ ଜିଲା ଶ୍ରମ ଅଧିକାରୀ, ଆଞ୍ଚଳିକ ପରିବହନ ଅଧିକାରୀ, ବିକ୍ରିକର ଅଧିକାରୀ ଏବଂ ଓଏସ୍‌ଆରଟିସି ଅଧିକାରୀଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲା ଯାଇଥିଲା। ଟେଣ୍ଡର ପ୍ରକ୍ରିୟାରେ ଆବେଦନ କରିଥିବା ୫ଟି ସଂସ୍ଥା ମଧ୍ୟରୁ ଦୁଇଟି ସଂସ୍ଥାକୁ ଚୂଡାନ୍ତ ପର୍ଯ୍ୟାୟ ପାଇଁ ମନୋନୀତ କରାଯାଇଛି। ତେବେ ଏହି ଦୁଇଟି ସଂସ୍ଥା ମଧ୍ୟରୁ ଏଲ୍‌ଆଣ୍ଡକେ ସର୍ଭିସେସ୍ ନାମକ ସଂସ୍ଥା ବିଭିନ୍ନ ଜିଲା ପ୍ରଶାସନ ଓ ସରକାରୀ ସଂସ୍ଥା ଦ୍ୱାରା କଳାତାଲିକାଭୁକ୍ତ ହୋଇଥିବା ଜଣାପଡିଛି। ନିୟମ ଅନୁସାରେ ଏହି ସଂସ୍ଥାର ଟେଣ୍ଡର ଆବେଦନ କରିବାର ଅଧିକାର ନାହିଁ। କିନ୍ତୁ ଏଠାରେ ଆବେଦନ କରି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ।

ମିଳିଥିବା ସୂଚନା ଅନୁସାରେ, ଏହି ସଂସ୍ଥା ଢେଙ୍କାନାଳ ଡିଏଫଓ ଏବଂ ଗଜପତି ଜିଲାପାଳଙ୍କ ଦ୍ୱାରା କଳାତାଲିକାଭୁକ୍ତ ହୋଇଛି। ନିକଟରେ ହୋଇଥିବା ଟେଣ୍ଡରରେ ଏହି ଦୁଇ ଜିଲାରେ ସମ୍ପୃକ୍ତ ସଂସ୍ଥାକୁ ଆବେଦନ କରିବା ସୁଯୋଗ ଦିଆଯାଇ ନାହିଁ। ବିଭିନ୍ନ ସମୟରେ କର୍ମଚାରୀଙ୍କ ଇପିଏଫ ଟଙ୍କା ପଇଠ କରି ନ ଥିବା ଅଭିଯୋଗ ପରେ ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ପକ୍ଷରୁ ଗତ ଜାନୁଆରୀ ୩୦ ତାରିଖରେ ଏହାର ତଦନ୍ତ ପାଇଁ ବିଭିନ୍ନ ଜିଲାର ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହି ଅନୁସାରେ କନ୍ଧମାଳ ଅତିରିକ୍ତ ଜିଲାପାଳ ଗତ ୯ ତାରିଖ ଚିଠି ସଂଖ୍ୟା ୨୮୫ରେ ବିଭିନ୍ନ ସରକାରୀ ବିଭାଗକୁ ଏହି ଅଭିଯୋଗ ବିଷୟରେ ଅବଗତ କରିବା ସହ ବିଧିବଦ୍ଧ ତଦନ୍ତ ପାଇଁ ଚିଠି କରିଛନ୍ତି। ଫୁଲବାଣୀ ଶ୍ରମ କମିଶନର ମଧ୍ୟ ଚିଠି ସଂଖ୍ୟା ୨୦୮ରେ କନ୍ଧମାଳ ଜିଲାପାଳଙ୍କୁ ଏ ନେଇ ଅବଗତ କରାଇଛନ୍ତି। ଏହି ଘଟଣାର ତଦନ୍ତ ଭାର ଏବେ ଜିଲା ମୁଖ୍ୟ ଉନ୍ନୟନ ଏବଂ ନିର୍ବାହୀ ଅଧିକାରୀ (ଜିଲା ପରିଷଦ) ନୀଳ ମାଧବ ଭୋଇଙ୍କୁ ଦାୟିତ୍ୱ ଦିଆଯାଇଛି । ଏ ନେଇ ଭୋଇଙ୍କୁ ପଚାରିବାରୁ ଅଭିଯୋଗ ମିଳିଛି । ଆମେ ସେହି ସଂସ୍ଥାକୁ ସବୁ ଦସ୍ତାବିଜ୍ ମାଗିଛୁ । ଘଟଣାର ତଦନ୍ତ ଚାଲିଛି ବୋଲି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟର ସୁରକ୍ଷା ଦାୟିତ୍ୱ ନେଇଥିବା ବେଳେ ମଧ୍ୟ ଏହି ସଂସ୍ଥା ବିରୋଧରେ ବିଭିନ୍ନ ଅଭିଯୋଗ ହୋଇଥିଲା। ଏହି ସଂସ୍ଥା ବିରୋଧରେ ଏବେ ବିଭିନ୍ନ ଜିଲା ପ୍ରଶାସନ ସମେତ ଶ୍ରମ ବିଭାଗ ପକ୍ଷରୁ ତଦନ୍ତ ଜାରୀ ରହିଛି। ଏଭଳି ସ୍ଥିତିରେ ସମ୍ପୃକ୍ତ ସଂସ୍ଥାକୁ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବା ପାଇଁ ଅନୁମତି ଦିଆଯିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଟ୍ରକ ଦୁର୍ଘଟଣାରେ ସଫେଇ କର୍ମଚାରୀଙ୍କ ମୃତ୍ୟୁ

ଜି.ଉଦୟଗିରି.୧୫।୨
(ଶିଶିର ପଟ୍ଟନାୟକ):

ଜି.ଉଦୟଗିରି ସହରର ଭଞ୍ଜମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ଗୁରୁବାର ଟ୍ରକ ମାଡ଼ିଯିବା ଫଳରେ ଏନଏସି ସଫେଇ କର୍ମଚାରୀ ଶରତ ନାୟକ (୪୦)ଙ୍କ ମୃତ୍ୟୁ ଘଟିଛି। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଟ୍ରକ ସମ୍ମୁଖରେ ବସି ଧାରଣା ରେ ବସିଥିଲେ। ପୋଲିସ ବୁଝାଶୁଝା କରିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରତିଶ୍ରୁତି ମିଳିବା ପରେ ରାତି ପ୍ରାୟ ୮ଟାରେ ଧାରଣା ପ୍ରତ୍ୟାହୃତ ହୋଇଛି।

## କ୍ଷତିପୂରଣ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ



ଦୁର୍ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଧାରଣାରେ ବସିଛନ୍ତି।

# ଗଞ୍ଜେଇ ଭର୍ତ୍ତି ବୋଲେରୋ ଜବତ, କେରଳ ଯୁବକ ଗିରଫ



ଗିରଫ ଅଭିଯୁକ୍ତ ସହ ଜବତ ଗଞ୍ଜେଇ ଓ ବୋଲେରୋ ।

ବାଲିଗୁଡ଼ା, ୧୫।୨(ସଞ୍ଜୟ କୁମାର ପାଣିଗ୍ରାହୀ):

ଏକ ନମ୍ବର ବିହୀନ ବୋଲେରୋ ଗାଡ଼ିରେ ଗଞ୍ଜେଇ ଚୋରା ଚାଲାଣ ବେଳେ ଅବକାରୀ ବିଭାଗ ଚଢ଼ାଉ କରିଛି। ୮୦ କେଜି ଗଞ୍ଜେଇ ସହ ବୋଲେରୋ ଜବତ ହୋଇଥିବା ବେଳେ ଜଣେ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆ ଗିରଫ ହୋଇଛନ୍ତି। କନ୍ଧମାଳ ଅବକାରୀ ଏସପି ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶରେ ଗୁରୁବାର ଗଞ୍ଜେଇ ଚୋରା ଚାଲାଣ ରୋକିବା ପାଇଁ ବାଲିଗୁଡ଼ା ଅବକାରୀ ସବ୍ ଇନ୍ସପେକ୍ଟର ସୁମିତ୍ରା ଦଳେଇ ନିଜ ଟିମ୍ ସହ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ବାଲିଗୁଡ଼ା ଥାନା ଡ୍ରାପ୍ ସାହି ନିକଟରେ ଏକ ନମ୍ବର ବିହୀନ ବୋଲେରୋ ଅବକାରୀ ପୋଲିସଙ୍କୁ ଦେଖି ଖସି ପଳାଇବାକୁ ଚେଷ୍ଟା କରି ସକ୍ଷମ ହୋଇନଥିଲା। ଗଞ୍ଜେଇ ଭର୍ତ୍ତି ବୋଲେରୋକୁ ଜବତ କରିବା ସହ କେରଳ ରାଜ୍ୟ ମାନାର୍ ଅଞ୍ଚଳର ଗଞ୍ଜେଇ ମାଫିଆ ଅଜୁବ୍‌କୁ ଗିରଫ କରି କୋର୍ଟ ଚାଲାଣ କରିଛି ଅବକାରୀ ପୋଲିସ୍। ସେପଟେ ଏହି ଗଞ୍ଜେଇ ବାଲିଗୁଡ଼ା ଅଞ୍ଚଳରୁ କେରଳ ରାଜ୍ୟକୁ ଚୋରା ଚାଲାଣ ହେଉଥିବା ବେଳେ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ତ୍ରିବେଦୀ ପାର୍କରେ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

ବାଲିଗୁଡ଼ା, ୧୫।୨(ସଞ୍ଜୟ କୁମାର ପାଣିଗ୍ରାହୀ): କନ୍ଧମାଳ ଜିଲା ବାଲିଗୁଡ଼ା ସ୍ଥିତ ତ୍ରିବେଦୀ ପାର୍କରେ କାର୍ଯ୍ୟରତ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ପାର୍କ ଭିତରେ ଥିବା ଏକ ଘରୁ ମୃତଦେହ ଜବତ କରାଯାଇଛି। ମୃତ ସିକ୍ୟୁରିଟି ଗାର୍ଡ ବାଲିଗୁଡ଼ା ଥାନା ଗୁମାପଦର ନିକଟସ୍ଥ ବଲମରପଦର ଗ୍ରାମର ଦିବାକର ବିନ୍ଧାଣୀ ବୋଲି ଜଣାପଡିଛି। ସୂଚନା ପ୍ରକାରେ ବୁଧବାର ରାତି ୮ଟାରେ ପାର୍କ ବନ୍ଦ କରି ସମସ୍ତେ ଘରକୁ ଯିବାକୁ ବାହାରିଥିଲେ, ହେଲେ ଦିବାକର ଯାଇନଥିଲେ। ଦିବାକର ନଯିବା କଥା ମଧ୍ୟ କେହି ଜାଣି ପାରିନଥିଲେ। ଘରକୁ ନ ଫେରିବାରୁ ଦିବାକରଙ୍କ ସ୍ତ୍ରୀ ଲଳିତା ବିନ୍ଧାଣୀ ସ୍ୱାମୀଙ୍କୁ ଫୋନ୍ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇନଥିଲେ। ଗୁରୁବାର ସକାଳୁ କିଛି କର୍ମଚାରୀ ପାର୍କକୁ ଆସିବା ପରେ ସେହି ଘର ଭିତରକୁ ଯିବାପରେ ଦିବାକର ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କର ମୃତ ଘୋଷଣା କରିଥିଲେ। ଦିବାକରଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବା ବେଳେ ଘଟଣା ସ୍ଥଳରେ ବାଲିଗୁଡ଼ା ପୋଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ଦୁର୍ଘଟଣାରେ ଭିଣୋଇ ମୃତ, ଶାଳକ ଆହତ

ଫିରିଙ୍ଗିଆ, ୧୫।୨(ବିକ୍ରମ ଦିଗାଲ)

ଫିରିଙ୍ଗିଆ ଥାନା ଅନ୍ତର୍ଗତ ବୁଢ଼ାକାମ୍ବା ଗାଁ ନିକଟରେ ଏକ ବାଇକ୍ ଗଛରେ ପିଟି ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ମୃତକ ହେଲେ ସଦର ଥାନା ଅନ୍ତର୍ଗତ ମାଝିପଦର ଗାଁର ବାଜିରାଉତ ବେହେରା। ତାଙ୍କ ଶାଳକ ମିଥୁନ ଦେହୁରୀ ଆହତ ହୋଇଛନ୍ତି। ଫିରିଙ୍ଗିଆ ଅଗ୍ନିଶମବାହିନୀ ମିଥୁନଙ୍କ ଉଦ୍ଧାର କରି ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲା। ସେହିପରି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ନଂ ୪୩/୨୪ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଭାଜପାର ବସ୍ତି ଚାଲ ଅଭିଯାନ

ଫିରିଙ୍ଗିଆ, ୧୫।୨(ବିକ୍ରମ ଦିଗାଲ): ଫରିଙ୍ଗିଆ, କେଳାପଡ଼ା ଅଞ୍ଚଳରେ ଗୁରୁବାର ଭାଜପାର ବସ୍ତି ଚାଲ ଅଭିଯାନ ଆରମ୍ଭ ହୋଇଛି। ଅନୁସୂଚିତ ଜାତି ଜିଲା ମୋର୍ଚ୍ଚା ସଭାପତି ଶମ୍ଭୁ ଦିଗାଲଙ୍କ ନେତୃତ୍ୱରେ ଏହା ହୋଇଥିଲା। ରାଜ୍ୟ ଏସ୍‌ସି ମୋର୍ଚ୍ଚା ଉପ ସଭାପତି ରାମବିଶି ଦିଗାଲ, ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ରଘୁପତି କହଁର, ଜିଲା ସାଧାରଣ ସମ୍ପାଦକ ଲିଙ୍ଗରାଜ ଦଳବେହେରା, ଜିଲା ଏସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଶରଣ ପଞ୍ଜର ଦିଗାଲ, ମଣ୍ଡଳ ସଭାପତି ସୁଶିଲ ଦିଗାଲ, ରାଜ୍ୟ କାର୍ଯ୍ୟକାରିଣୀ ଏସ୍‌ସି ମୋର୍ଚ୍ଚା ସଦସ୍ୟ ହୃଷୀକେଶ ବେହେରା, ସ୍ୱରୂପାନନ୍ଦ ପଟ୍ଟନାୟକ, ବନମାଳୀ ଦିଗାଲ, ମୌସୁମୀ ପ୍ରଧାନ, ସମ୍ପତି ଦିଗାଲ ଓ ପ୍ରଦୀପ କୁମାର ନାୟକ ସାମିଲ ଥିଲେ।

## କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱଗ୍ରହଣ

ବୁଗୁଡ଼ା, ୧୫।୨ (କାଳିଚରଣଦାଶ):

ବୁଗୁଡ଼ା ଏନଏସିର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ନେଇଛନ୍ତି ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣୀ। ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ଜାନୁଆରୀ ୧୯ ତାରିଖରେ ଜାରି ହୋଇଥିବା ବିଜ୍ଞପ୍ତି ଅନୁସାରେ ବୁଗୁଡ଼ା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଥିବା ରଶ୍ମିରଞ୍ଜନ ଦାସଙ୍କୁ ବୀରମିତ୍ରପୁର ବଦଳି ହୋଇଥିବା ବେଳେ କଳାହାଣ୍ଡି ଜିଲା ଜୁନାଗଡ଼ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରେମଲାଲ ହିଆଲଙ୍କୁ ବୁଗୁଡ଼ା ବଦଳି ହୋଇଥିଲା । ତେବେ ପ୍ରେମଲାଲଙ୍କ ଆସିବାରେ ଡେରି ହେବାରୁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏଟିଓ ସୁନନ୍ଦ ଶେଖର ସାହାଣୀ ଦାୟିତ୍ୱ ନେଇଛନ୍ତି ।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି, ୧୫।୨(ଗିରିଧାରୀ ପରିଚ୍ଛା): ଗଜପତି ଜିଲା ପାରଳାଖେମୁଣ୍ଡି ପୌର ପରିଷଦର ୧ ନମ୍ବର ୱାର୍ଡରେ ଗୁରୁବାର 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ତଥା ବିଏସକେୱାଇ କାର୍ଡ, ଖାଦ୍ୟ ସୁରକ୍ଷା କାର୍ଡ, ବିଜୁ ପକ୍କା ଘର ସହ ସହରାଞ୍ଚଳର ଲୋକଙ୍କ ପାଇଁ ପ୍ରଚଳିତ ହେଉଥିବା ଯୋଜନା ଓ ସହରର ଉନ୍ନତି ପାଇଁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ପୌରପାଳିକା ଅଧ୍ୟକ୍ଷା ନିର୍ମଳା ସେଠୀ, ବିଜେଡି ଯୁବ ସଭାପତି ଏସ.ଲିଙ୍ଗରାଜ ରାଓ, ଲପରିଷଦ ଅଧ୍ୟକ୍ଷ ଜି.ତିରୁପତି, ପ୍ରମୁଖଙ୍କ ସହ ଦଳୀୟ ନେତା ଉପସ୍ଥିତ ଥିଲେ।

# ସ୍ତ୍ରୀଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଲେ ଅଭିନେତା ନୀତୀଶ ଭରଦ୍ୱାଜ

ଭୋପାଳ, ୧୫।୨

ଟିଭି ସିରିଏଲ 'ମହାଭାରତ'ରେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ରାଜୁତି କରିଥିବା ଜଣାଶୁଣା ଅଭିନେତା ନୀତୀଶ ଭରଦ୍ୱାଜ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେ ତାଙ୍କ ଆଇଏଏସ୍ ସ୍ତ୍ରୀ ସ୍ମିତା ଭରଦ୍ୱାଜଙ୍କ ବିରୋଧରେ ଥାନାରେ ଏଫ୍‌ଆଇଆର ରୁଜୁ କରିଛନ୍ତି। ସ୍ମିତା ତାଙ୍କୁ ଦୀର୍ଘ ଦିନ ହେଲା ମାନସିକ ନିର୍ଯାତନା ଦେଇ ଆସୁଥିବା ନେଇ ନିଜ ଅଭିଯୋଗ ପତ୍ରରେ ନୀତୀଶ ଉଲ୍ଲେଖ କରିଛନ୍ତି। ଦୀର୍ଘଦିନ ଧରି ସେ ମାନସିକ ଭାବେ ଭାଙ୍ଗି ପଡ଼ିଥିବା ଏହି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଭୋପାଳ ପୋଲିସ କମିଶନରଙ୍କୁ ଇ ମେଲ ଜରିଆରେ ସହାୟତା ମାଗିଛନ୍ତି ନୀତୀଶ । ନୀତୀଶ ଙ୍କ ଅଭିଯୋଗ ଆଧାରରେ ଭୋପାଳ ପୋଲିସ କମିଶନର ମାମଲାର ଯାଞ୍ଚ ଆଦେଶ ଦେଇଛନ୍ତି । ଜଣେ ଅତିରିକ୍ତ ଡିସିପିଙ୍କୁ ମାମଲା ଯାଞ୍ଚ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ, ବି. ଆର. ଚୋପ୍ରାଙ୍କ ନିର୍ଦ୍ଦେଶିତ 'ମହାଭାରତ'ରେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରି ନୀତିଶ ଘରେ ଘରେ ବେଶ୍ ପରିଚିତ ହୋଇ ପାରିଥିଲେ। ଆଜି ବି ଫ୍ୟାନ୍ସ ତାଙ୍କୁ ଶ୍ରୀକୃଷ୍ଣ ଭୂମିକା ପାଇଁ ମନେ ପକାଉଛନ୍ତି । ୨୦୦୯ ମସିହା ମାର୍ଚ୍ଚ ୧୪ ତାରିଖରେ ଆଇଏଏସ୍ ଅଫିସର ସ୍ମିତାଙ୍କୁ ନୀତୀଶ ଦ୍ୱିତୀୟ ବିବାହ କରିଥିଲେ । ପରେ ୨୦୨୨ରେ ଦୁହେଁ ଉଭୟଙ୍କଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ସ୍ମିତା ତାଙ୍କର କନ୍ୟାଙ୍କ ସହିତ ଇନ୍ଦୋରରେ ରହୁଛନ୍ତି।

# ତପ୍ତପାଣି ଘାଟିରେ ଓଲଟିଲା ବସ୍, ୧୫ ଆହତ



ଦିଗପହଣ୍ଡି/ପାଟପୁର, ୧୫।୨ (ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ଗଞ୍ଜାମ-ଗଜପତି ସୀମାନ୍ତ ତପ୍ତପାଣି ଘାଟି ପାଲୁଖଲା ଗ୍ରାମ ନିକଟରେ ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟାରେ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। କୋରାପୁଟ ଜିଲା ମନଭାର ଓ ମଣ୍ଡିପୁଟ ପଞ୍ଚାୟତର ୪୫ରୁ ଊର୍ଦ୍ଧ୍ୱ ଯାତ୍ରୀ ବସ୍ (ସିଜି ୧୭ କେଡବ୍ଲ୍ୟୁ ୯୩୪୭) ଯୋଗେ ପୁରୀ ଅଭିମୁଖେ ଯାଉଥିଲା। ଘାଟିରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡ଼ିଥିବାରୁ ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ପୋଡ଼ାମାରି ଫାଣ୍ଡି ପୋଲିସ, ମୋହନା ଅଗ୍ନିଶମ ବାହିନୀ, ସାନଖେମୁଣ୍ଡି ଅଗ୍ନିଶମବାହିନୀ, ମୋହନା ଥାନା ଅଧିକାରୀ ବସନ୍ତ ସେଠୀ, ପାଟପୁର ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରିଥିଲେ। ୫ଟି ଆମ୍ବୁଲାନ୍ସ ଓ ୨ ଟି ଅଗ୍ନିଶମ ବାହିନି ଗାଡ଼ି ଯୋଗେ ସମସ୍ତଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେମାନଙ୍କ ମଧ୍ୟରୁ ରାମଚନ୍ଦ୍ର ପାଙ୍ଗି, ଆର. ରିଣ୍ଟୁ କୁମାର, ମାଧବ ଖୋସଲା ଏବଂ ମନବାର ହିଆଲଙ୍କ ଅବସ୍ଥା ଗୁରୁତର ରହିଥିବାରୁ ଦିଗପହଣ୍ଡିରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଦିଲୀପ ଜେନା ଡାକ୍ତରଖାନାରେ ଆହତମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଛନ୍ତି।

DSPL - 568

ଓଡ଼ିଶା ସରକାର



ଉଚ୍ଚ ମାଧ୍ୟମିକ ପରୀକ୍ଷାର୍ଥୀଙ୍କୁ
ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା

ଚଳିତ ବର୍ଷର ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୪ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଏହା ପରିଚାଳିତ ହେଉଛି ।

ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ । ସବୁ ପରୀକ୍ଷାର୍ଥୀ ଯେପରି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ । ବିଶେଷ କରି, ଶିକ୍ଷକ ଶିକ୍ଷୟିତ୍ରୀ ଓ ପିତାମାତାଙ୍କର ଏ ଦିଗରେ ବିଶେଷ ଭୂମିକା ରହିଛି । ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ସମସ୍ତ ଜନସାଧାରଣଙ୍କର ସହଯୋଗ କାମନା କରୁଛି ।

ଏହି ଅବସରରେ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର



ବାର୍ତ୍ତା

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷା କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ସ୍ରୋତରେ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେସଙ୍ଗେ ସେମାନଙ୍କର ଇପ୍‌ସିତ ସଫଳତା କାମନା କରୁଛି । ଚାପର ବଶବର୍ତ୍ତୀ ନ ହୋଇ ଅଧ୍ୟୟନ, ପରିଶ୍ରମ ଏବଂ ଆତ୍ମବିଶ୍ୱାସକୁ ପାଥେୟ କରି ଛାତ୍ରଛାତ୍ରୀମାନେ ପରୀକ୍ଷାର ସମ୍ମୁଖୀନ ହେବେ ବୋଲି ଆଶା ଏବଂ ବିଶ୍ୱାସ । ଉକ୍ତ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସଂପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ, ପୋଲିସ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ସୁଦାମ ମାର୍ଣ୍ଡି)
ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡ଼ିଶା

OIPR-11003/13/0013/2324

